## ସଂକ୍ଷେପରେ

### କରୋନା ସଂକ୍ରମଣ ପାଇଁ ବ୍ୟାଙ୍କ ୨ ଦିନ ବନ୍ଦ

**ବସ୍ତା,୭ା୧୦(ଡି.ଏନ.ଏ.):** କିଛିଦିନ ଧରି ବାଲେଶ୍ୱର ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ବସ୍ତାରେ ମଧ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ବସ୍ତା ସ୍ଥିତ ଏକ ବ୍ୟାଙ୍କରେ କର୍ମଚାରୀ କରୋନାରେ ସଂକ୍ରମିତ ଜଣାପଡ଼ିବା ପରେ ତୁରନ୍ତ ଏହି ଶାଖାଟିକୁ ବୁଧବାର ଏବଂ ଗୁରୁବାର ବନ୍ଦ କରାଯାଇଥିବା ଜଣାପଡ଼ିଛି। ହଠାତ୍ ଏହି ବ୍ୟାଙ୍କ ବନ୍ଦ ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

### ସମୁଦ୍ରରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ରୂପ୍‌ସା/ବସ୍ତା,୭ା୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ନିକଟ ସମୁଦ୍ରରୁ ମଙ୍ଗଳବାର ରାତିରେ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବଗ୍‌ଦା ଗ୍ରାମର ଲବ ସିଂ (୭୦)। ସେ ଗତ ୫ ତାରିଖରେ ସମୁଦ୍ରକୁ ମାଛ ଧରିବା ପାଇଁ ବୋଟ୍ ଯୋଗେ ଯାଇଥିଲେ। ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ର ଭିତରକୁ ଖସି ପଡ଼ି ନିଖୋଜ ଥିଲେ। ଆଇଆଇସି ଲକ୍ଷ୍ମଣ ବେହେରା ଖବର ପାଇ ସମୁଦ୍ରରେ ଭାସୁଥିବା ଅବସ୍ଥାରେ ମୃତ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲେ। ଏନେଇ ବୁଧବାର ଏକ ଅପମୃତ୍ୟୁ ମାମଲା (ନଂ.୪/୨୦) ରୁଜୁ ହୋଇଛି।

### କରୋନା ଯୋଦ୍ଧା ଅତିରିକ୍ତ ଏସ୍‌ପିଙ୍କୁ ଶ୍ରଦ୍ଧାଞ୍ଜଳି

**ବାରିପଦା ଅଫିସ,୭ା୧୦:** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡର ଅତିରିକ୍ତ ଏସ୍‌ପି ଅଶୋକ କୁମାର ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲାପାଳ ବିନୀତ ଭରଦ୍ୱାଜ, ପୂର୍ବାଞ୍ଚଳ ରେଞ୍ଜ ଆଇଜି ଦିପ୍ତେଶ କୁମାର ପଟ୍ଟନାୟକ, ଜିଲା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଓ ବରିଷ୍ଠ କର୍ମଚାରୀମାନେ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ସେ ଦୀର୍ଘ ୩୭ବର୍ଷ ଧରି ଚାକିରି କରି ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ବେଶ ଜଣାଶୁଣା ଥିଲେ । କାର୍ଯ୍ୟକାଳ ସମୟରେ ତାଙ୍କ ସଫଳତା, ସେବା ତଥା ପରୋପକାର ସମ୍ବନ୍ଧରେ ଉପସ୍ଥିତ ଅଧିକାରୀ ଓ ସହକର୍ମୀଗଣ ଆଲୋଚନା କରିଥିଲେ।

### ଚିକିତ୍ସାଧୀନ ଅଜଣା ବୃଦ୍ଧଙ୍କ ମୃତ୍ୟୁ

**ରୂପ୍‌ସା/ବସ୍ତା,୭ା୧୦(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ଅନ୍ତର୍ଗତ ଏକ ଢାବା ନିକଟରେ ଦୁର୍ଘଟଣାରେ ଗୁରୁତର ଆହତ ଜଣେ ଅଜଣା ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ଏନେଇ ଥାନାରେ ବୁଧବାର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଗତ ୩୦ ତାରିଖରେ ବୃଦ୍ଧ ଜଣକ ଅଜଣା ଭ୍ୟାନ୍ ଧକ୍କାରେ ଆହତ ହୋଇଥିଲେ। ରୂପ୍‌ସା ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତ ବୃଦ୍ଧଙ୍କୁ ଚିକିତ୍ସା ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

### କେନ୍ଦ୍ରର ତ୍ରୁଟିପୂର୍ଣ୍ଣ କୃଷି ଆଇନକୁ ବିରୋଧ

**ଢେଙ୍କିକୋଟ, ୭ା୧୦ (ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ବୁଧବାର ଅପରାହ୍ନ ୨ଟାବେଳେ ଢେଙ୍କିକୋଟ ଛେଳି ହାଟ ପଡିଆ ଠାରେ ଏକବୈଠକ ବସିଥିଲା ଏହି ବୈଠକରେ ଘଟଗାଁ ବ୍ଲକ ୨୭ଟି ପଞ୍ଚାୟତର କଂଗ୍ରେସ କର୍ମୀ ଆସିଥିବାବେଳେ ବ୍ଲକ୍‌ର ତୁଙ୍ଗ ନେତା ନବଘନ ମାନସିଂହ, ପ୍ରଭାକର ନାୟକ, ଦିଲୀପ ବଳ, ସେକ କୁଦ୍ଦୁସ ଏବଂ ରାମଚନ୍ଦ୍ର ସାହୁ ଯୋଗ ଦେଇ ଉପସ୍ଥିତ କର୍ମୀ ମାନଙ୍କୁ କେନ୍ଦ୍ର ସରକାର ଦେଶର କୃଷକ ମାନଙ୍କ ପାଇଁ ତ୍ରୁଟିପୂର୍ଣ୍ଣ ବିଲ ଆଣିଥିବା କଥା ବୁଝାଇଥିଲେ। ଏହି ବିଲ୍ ସମ୍ପୂର୍ଣ୍ଣ କୃଷିମାରଣ ନୀତି କହିବାସହ ଏହାକୁ ବିରୋଧ କରିଥିଲେ। ଏହାକୁ ବିରୋଧକରି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି ।

# ଭଦ୍ରକ ଷ୍ଟେଶନ ଜନଶୂନ୍ୟ, ଚିନ୍ତାରେ ବ୍ୟବସାୟୀ

**ଭଦ୍ରକ ଅଫିସ,୭ା୧୦**


ଜନଶୂନ୍ୟ ହୋଇପଡ଼ିଥିବା ଭଦ୍ରକ ଷ୍ଟେଶନ।

ଭଦ୍ରକ ଷ୍ଟେଶନ ଏବେ କରୋନା ପାଇଁ ଖାଁ ଖାଁ ହୋଇପଡ଼ିଛି। ଗତ ୭ ମାସ ହେଲା ଦ୍ରୁତଗାମୀ କିମ୍ବା ଲୋକାଲ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଷ୍ଟେଶନ ପରିସରରେ ପୂର୍ବଭଳି ଆଉ ଜନଗହଳି ନାହିଁ। ଫଳରେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ଆଖପାଖ ବ୍ୟବସାୟୀ, ଶ୍ରମଜୀବୀ ଓ କିନ୍ନରମାନଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଛି। ପରିବାର ପ୍ରତିପୋଷଣ ଲାଗି ସେମାନେ ଚିନ୍ତାରେ ପଡ଼ିଛନ୍ତି।

ଭଦ୍ରକ ଷ୍ଟେଶନ ଦେଇ ଯାତାୟାତ କରୁଥିବା ଦୂରଗାମୀ ଟ୍ରେନ୍ ଓ ପ୍ରାୟ ୧୨ଟି ପାସେଞ୍ଜର ଟ୍ରେନ୍ ଚଳାଚଳ ବାତିଲ ହେବା ଯୋଗୁ ଉପକୂଳ ଓଡ଼ିଶାବାସୀଙ୍କ ଜନଜୀବନ ଏକପ୍ରକାର ଠପ୍ ହୋଇପଡ଼ିଛି। ଏହି ସେବା ଉପରେ ନିର୍ଭରଶୀଳ ଶ୍ରମଜୀବୀଙ୍କ ଜୀବନ ମଧ ଦୁର୍ବିଷହ ହୋଇପଡ଼ିଛି। କରୋନା ଯୋଗୁ ଭଦ୍ରକ - ହାଓ୍ୱଡା ବାଘାଯତୀନ୍ ଫାଷ୍ଟ ପାସେଞ୍ଜର, ଭଦ୍ରକ- ପଲାସା ଡିଏମ୍ୟୁ, ଯାଜପୁର- ଖଡ଼ଗପୁର ପାସେଞ୍ଜର, ସାନ୍ତରାଗାଛି-ପୁରୀ, ଖୋର୍ଦ୍ଧା-ଖଡ଼ଗପୁର, ଭଦ୍ରକ-ବାଲେଶ୍ୱର, ଭଦ୍ରକ-ପୁରୀ ଏବଂ ଭଦ୍ରକ- ପାରାଦୀପ ଆଦି ୧୨ଟି ପାସେଞ୍ଜର ଟ୍ରେନ ଚଳାଚଳ ବନ୍ଦ ରହିଛି। ଏହି ଷ୍ଟେଶନରେ ଦୈନିକ ପ୍ରାୟ ୨ ହଜାର ଟିକେଟ ବୁକିଙ୍ଗ କରାଯାଉଥିବା ବେଳେ ଲକ୍ଷାଧିକ ଲୋକ ପାସେଞ୍ଜର ରେଳସେବା ଉପରେ ନିର୍ଭରଶୀଳ କରିଥାନ୍ତି। କେନ୍ଦ୍ର ସରକାର ଇତି ମଧ୍ୟରେ ଅନ୍‌ଲକ୍-୫ କାର୍ଯ୍ୟକାରୀ କରିସାରିଲାଣି। ରାଜ୍ୟରେ ଯାତ୍ରୀବାହୀ ରେଳସେବା ତୁରନ୍ତ ଲାଗୁ କରିବାକୁ ଷ୍ଟେଶନ ଉପରେ ନିର୍ଭର କରୁଥିବା ବ୍ୟବସାୟୀ କୁନା ସେଠୀ, ଫେରିବାଲା ଯୋଗେଶ ମଣ୍ଡଳ ସୂଚନା ଦେଇଛନ୍ତି। ଷ୍ଟେଶନ ପରିସରରେ ଦୋକାନ କରୁଥିବା ୫୦ରୁ ଊର୍ଦ୍ଧ୍ୱ ଦୋକାନୀ ତୁରନ୍ତ ଲୋକାଲ ଟ୍ରେନ୍ ଚଳାଇବାକୁ ସରକାର ଅନୁମତି ପ୍ରଦାନ କରିବା ଆବଶ୍ୟକ ବୋଲି ମତ ରଖିଛନ୍ତି। ଏହିଭଳି ଯଦି ଆଉ କିଛି ମାସ ଚାଲେ ତେବେ ପରିବାରର ଆର୍ଥିକ ପରିସ୍ଥିତି ଜଟିଳ ହୋଇପଡ଼ିବ ବୋଲି ଚରମ୍ପା ଷ୍ଟେଶନ ରୋଡ୍‌ର ବ୍ୟବସାୟୀମାନେ କହିଛନ୍ତି।

# ଛଟେଇକୁ ନେଇ ଯୁବଗୋଷ୍ଠୀଙ୍କ ଅନଶନ



ଅନଶନରେ ବସିଥିବା ଯୁବଗୋଷ୍ଠୀ।

**କେନ୍ଦୁଝର, ୭ା୧୦ (ସ୍ୱ.ପ୍ର./ ଡି.ଏନ.ଏ.)**

ତ୍ରିବେଣୀ କମ୍ପାନୀ ଦ୍ୱାରା ପରିଚାଳିତ ଏମ୍‌ଟିଏଲ୍‌ଏଲ୍ ସିକ୍ୟୁରିଟି ଏଜେନ୍ସି ଅଧୀନରେ ଦୀର୍ଘ ୬ ବର୍ଷ ଧରି କାମ କରୁଥିବା ଜିଲାର ଶିକ୍ଷିତ ଯୁବକମାନଙ୍କୁ ଛଟେଇ କରିବା ପ୍ରତିବାଦରେ ସେମାନେ ବୁଧବାର ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବା ସହ କାର୍ଯ୍ୟାଳୟ ପରିସରରେ ଅନଶନ କରିଛନ୍ତି। ବିଭିନ୍ନ ଖଣିଭିତ୍ତିକ କାର୍ଯ୍ୟରେ ନିଯୁକ୍ତି ପାଇ ଦୁଇ ପଇସା ରୋଜଗାର କରି ଚଳୁଥିଲେ। ଏବେ ସେମାନଙ୍କୁ କୌଣସି ଘରୋଇ ବା ଜରୁରୀ କାମରେ ବ୍ୟକ୍ତିଗତ ଛୁଟିରେ କୁଆଡ଼େ ଗଲେ କାର୍ଯ୍ୟରୁ ଛଟେଇ କରିଦେଉଥିବା ଅଭିଯୋଗ କରିଛନ୍ତି । ଶ୍ରମ ଆଇନ ଉଲ୍ଲଂଘନ କରି ଚାକିରିରୁ ବାହାର କରି ଦିଆଯାଉଥିବାରୁ ସେମାନେ ମାନସିକ ଯନ୍ତ୍ରଣାରେ ରହୁଥିବା କହିଛନ୍ତି। ଏଣୁ ସେମାନଙ୍କୁ ଚାକିରିରୁ ବାହାର ନ କରି କାମ ଦେବାକୁ ଦାବି କରାଯାଇଛି।

# ଅବସରପ୍ରାପ୍ତ ପୂର୍ତ୍ତ କର୍ମଚାରୀଙ୍କ ଧାରଣା



ଧାରଣାରତ ଅବସରପ୍ରାପ୍ତ ପୂର୍ତ୍ତ ବିଭାଗ କର୍ମଚାରୀମାନେ।

**ବାଲେଶ୍ୱର ଅଫିସ,୭ା୧୦**

**ଇପିଏଫ୍ ପେନ୍‌ସନ ମିଳୁନି**

ବାଲେଶ୍ୱର ପୂର୍ତ୍ତ ବିଭାଗରେ ଡିଏଲ୍‌ଆର ଏବଂ ୱାର୍କଚାର୍ଜଡ କର୍ମଚାରୀ ଭାବେ କାର୍ଯ୍ୟକରି ଦୀର୍ଘ ବର୍ଷ ହେଲା ଅବସରଗ୍ରହଣ କରିଥିବା କର୍ମଚାରୀମାନେ ଇପିଏଫ୍ ପେନସନ୍‌ରୁ ବଞ୍ଚିତ ହୋଇଥିବା ଦର୍ଶାଇ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।

ଜିଲା ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡିଏଲ୍‌ଆର୍ ଓ ୱାର୍କଚାର୍ଜଡ଼ କର୍ମଚାରୀଭାବେ ଅନେକ ଅବସରଗ୍ରହଣ କରିଛନ୍ତି। ମାତ୍ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସେମାନଙ୍କ ଇପିଏଫ୍ ପେନସନ୍ ସଂକ୍ରାନ୍ତୀୟ କାଗଜପତ୍ର ଯଥା କେୱାଇସି, ଡିଏସ୍‌ସି, ମାସିକ/ବାର୍ଷିକ ରିଟର୍ଣ୍ଣ ପ୍ରଭୃତି ଇପିଏଫ୍ କମିଶନ, ଓଡ଼ିଶାଙ୍କ ନିକଟରେ ଦାଖଲ କରୁ ନ ଥିବାରୁ ସେମାନେ ଇପିଏଫ୍ ପେନସନ୍‌ରୁ ବଞ୍ଚିତ ହେଉଛନ୍ତି। ଏନେଇ ଗତ ସେପ୍ଟେମ୍ବର ୯ ତାରିଖରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନର ୧୫ଦିନ ଅତିକ୍ରାନ୍ତ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ବାଧ ହୋଇ ଧାରଣାରେ ବସିଛନ୍ତି। ରାମଚନ୍ଦ୍ର ଜେନା, ସୁଧାଂଶୁ ବାଳା ମହାପାତ୍ର, ଅନ୍ନପୂର୍ଣ୍ଣା ମହାଳିକ, ସାବିତ୍ରୀ ବେୱା, ଅନିରୁଦ୍ଧ ବାରିକ, ଭୋଳାନାଥ ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଦୁର୍ଗାମଣି ଦାସ, ବୀରେନ୍ ମଲ୍ଲିକ, ଫୁଲବାଣୀ ଦେଇ, ସାବିତ୍ରୀ ବେହେରା ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣାରେ ସାମିଲ ହୋଇଛନ୍ତି।

## ଅନାଥ ଶିଶୁଙ୍କ ଥଇଥାନ ଦାବି

**କେନ୍ଦୁଝର, ୭ା୧୦ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ବିଭିନ୍ନ କାରଣରୁ ମା' ଓ ବାପା ଙ୍କୁ ହରାଇ ଅନାଥ ଜୀବନ କାଟୁଥିବା ୧୩ ଜଣ ଅନାଥ ଶିଶୁ ଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଥଇଥାନ କରିବାକୁ ଆଦିବାସୀ ବିକାଶ ସଂସ୍ଥାନ ପକ୍ଷରୁ ଦାବି କରାଯାଇଛି। ଜିଲାର ସଦର, ଝୁମ୍ପୁରା, ଚମ୍ପୁଆ ଓ ହରିଚନ୍ଦନପୁର ବ୍ଲକର ଏହି ଶିଶୁ ମାନେ ମା' ଓ ବାପା ଙ୍କୁ ହରାଇ ଦୁଃଖଦ ଜୀବନ କାଟୁଛନ୍ତି। ସେମାନଙ୍କୁ ଥଇଥାନ କରିବାକୁ ସ୍ଥାନୀୟ ପଞ୍ଚାୟତ, ଲୋକ ପ୍ରତିନିଧି କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିବାରୁ ବହୁ ସମସ୍ୟା ମଧ୍ୟରେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦିନ କାଟୁଛନ୍ତି। ଏଣୁ ସେମାନଙ୍କୁ ଥଇଥାନ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଦାବି ହୋଇଛି ।

# ଟ୍ରକ୍-ଅଟୋ ମୁହାଁମୁହିଁ, ୫ ଗୁରୁତର

**କେନ୍ଦୁଝର, ୭ା୧୦ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ଓ ଯୋଡା ବ୍ଲକ ବାମେବାରୀକୁ ସଂଯୋଗ କରୁଥିବା କିଡ଼୍‌କୋ ରାସ୍ତାରେ ବୁଧବାର ପୂର୍ବାହ୍ନରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଗୋଟିଏ ଅଟୋକୁ ଧକ୍କା ଦେବା ଫଳରେ ଅଟୋରେ ଥିବା ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଅଟୋଟି ନୟାଗଡ଼ରୁ ଝୁମ୍ପୁରାକୁ ପାସେଞ୍ଜର ନେଇ ଯାଉଥିବା ବେଳେ ଜଗଦଲା ଡ୍ୟାମ ନିକଟରେ ଲୁହାପଥର ବୋଝେଇ ଟ୍ରକ୍‌ଟି ମୁହାଁମୁହିଁ ଧକ୍କା ଦେଇଥିଲା। ଅଟୋ ଚାଳକ କୃଷ୍ଣ ନାଏକ ଓ ଜଣେ ଯାତ୍ରୀ ବୁଟୁ ନାଏକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସେମାନଙ୍କୁ ପ୍ରଥମେ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଉକ୍ତ ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ହେଁ ମରାମତି କରିବା ପାଇଁ କାହାରି ନଜର ପଡୁନାହିଁ।

# ତଦନ୍ତ ଆରମ୍ଭ କଲା ଜିଲା ପ୍ରଶାସନ

**ଯୋଡ଼ା ୭ା୧୦(ଡି.ଏନ.ଏ.)**

**ରାସ୍ତାରେ ପ୍ରସବ ପରେ ଶିଶୁପୁତ୍ର ମୃତ୍ୟୁ ଘଟଣା**

ଚିକିତ୍ସା ଅବହେଳାକୁ ନେଇ କେନ୍ଦୁଝର ଜିଲା ଯୋଡ଼ା ସହରର ରାସ୍ତାକଡ଼ରେ ଜଣେ ଗର୍ଭବତୀ ପ୍ରସବ କରିବା ଓ ନବଜାତ ଶିଶୁପୁତ୍ର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। କେନ୍ଦୁଝର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ ବୁଧବାର ପୂର୍ବାହ୍ନରେ ଯୋଡ଼ା ସହରସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି। ୨ ଡାକ୍ତରଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ସେ ଘଟଣା ସମ୍ପର୍କରେ ପଚାରିଥିଲେ। ଶିଶୁପୁତ୍ରକୁ ହରାଇବା ସହ କରୋନା ସଂକ୍ରମିତ ଯୋଗୁ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୁକୁମତୀ ପୂର୍ତ୍ତୀ ଓ ତାଙ୍କ ସ୍ୱାମୀ କପିଳାସ ନାଏକଙ୍କୁ ଭେଟିଥିଲେ। ତଦନ୍ତ ସରିଲେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ଓ ଏହି ଦୁଃଖଦ ଘଟଣାରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ତଦନ୍ତ ବେଳେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ଟାଟାଷ୍ଟିଲ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ମହେନ୍ଦ୍ର କୁମାର ତ୍ରିପାଠୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


ଚମ୍ପୁଆ ଉପଜିଲାପାଳ ତଦନ୍ତ କରୁଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫଙ୍କ ଶ୍ରାଦ୍ଧବାର୍ଷିକୀ

**ଭଦ୍ରକ ଅଫିସ, ୭ା୧୦**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପବାଚସ୍ପତି ସ୍ୱର୍ଗତ ମହମ୍ମଦ ହନିଫ ଓରଫ୍ ମାଷ୍ଟରଜୀଙ୍କ ୫୩ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପୁରୁଣାବଜାର କାଜିମହଲ୍ଲା ସ୍ଥିତ ତାଙ୍କ ସମାଧିଠାରେ ହନିଫ ସ୍ମୃତି କମିଟିର ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ ଓ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ମିଷ୍ଟାନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ରୋଭର୍ସ କ୍ଲବ ପ୍ରାଣଙ୍ଗନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ପରମାନନ୍ଦ ଦାସ, ସମ୍ପାଦକ ହାଜୀ ଅନୱର ହୋସେନ, ହାଜୀ କାସିମ ଖାଁ, ହାଜୀ ମନୱର ହୋସେନ, ହରି ପ୍ରସାଦ ନନ୍ଦୀ, ଅବଦୁଲ ମୁକିତ ଖାଁ, ଡ.ବାଇଧର ସାହୁ, ଅଟଳ ବିହାରୀ ନାୟକ, ଡ. ରବି ମହାପାତ୍ର, ନାସିର ବକ୍ସ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହମ୍ମଦ ହନିଫଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ସୁପ୍ରସିଦ୍ଧ କବି ମାଷ୍ଟର ମୁସ୍ତାକ ଗୌହର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ବନ୍ତ,୭ା୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ରାମେଶ୍ୱର ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ ପକ୍ଷରୁ ଗତ ୮ ଦିନ ଧରି ଧାରଣା ଓ ଅନଶନ ପରେ ବୁଧବାର ଅନଶନ ପ୍ରତ୍ୟାହୃତ ହୋଇଯାଇଛି। ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଅଗଣତାନ୍ତ୍ରିକ ଭାବେ ପଦବୀରୁ ହଟାଇବା ଏବଂ ଗତ ଖରିଫ ଋତୁରେ ମହାସଂଘ ପକ୍ଷରୁ କିଣାଯାଇଥିବା ଧାନ ବାବଦ ପ୍ରାପ୍ୟ ଅର୍ଥ ପ୍ରଦାନରେ ଅବହେଳା କରାଯିବା ପ୍ରତିବାଦରେ ଏହି ଧାରଣା ଓ ଅନଶନ ବ୍ଲକ ସମ୍ମୁଖରେ ଚାଲିଥିଲା। ବୁଧବାର ବିଡିଓ ରେବେକା ବିଲୁଙ୍ଗ ଓ ଥାନାଧିକାରୀ ମୀନା ବିନ୍ଧାଣୀ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଆଲୋଚନାରେ ସଭାନେତ୍ରୀ କୁନ୍ତଳା ଜେନା, ସମ୍ପାଦିକା ଉଷାରାଣୀ ବେହେରା, ସିପିଆଇର ବରିଷ୍ଠ ନେତା ଗୋପବନ୍ଧୁ ସେଠୀ, ନିରଞ୍ଜନ ନାୟକ, ପର୍ଶୁରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳକା ବିପଦ ସଙ୍କେତ ଉପରେ

**ବସ୍ତା,୭ା୧୦(ଡି.ଏନ.ଏ.)**

ଦୀର୍ଘ ୫ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀ ତୃତୀୟ ଦିନ ବ୍ୟାପୀ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିବା ଜଣାଯାଇଛି। ଏହି ନଦୀର ମଥାନୀ ଠାରେ ବିପଦ ସଙ୍କେତ ୫.୫୦ ଥିବାବେଳେ ବୁଧବାର ଅପରାହ୍ନ ୫ଟା ସୁଦ୍ଧା ଏହା ୬.୦୫ରେ ପହଞ୍ଚିଥିବା ଜଣାପଡ଼ିଛି। ତେବେ ଦୁଇଦିନ ଧରି ୬.୦୭ରେ ଥିବା ବେଳେ ବୁଧବାର ବର୍ଷା ପରିମାଣ ହ୍ରାସ ଯୋଗୁ ବନ୍ୟା ପାଣିର ମଧ ହ୍ରାସ ଘଟୁଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

# ନଦୀକୁ ଗାଧୋଇବାକୁ ଯାଇ ବୃଦ୍ଧ ନିଖୋଜ

**ସଜନାଗଡ଼,୭ା୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ଅନ୍ତର୍ଗତ ପଥରଗଡ଼ ଗ୍ରାମର ପରମାନନ୍ଦ ମହାପାତ୍ର (୬୫) ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ନିକଟସ୍ଥ ସୋନ ନଦୀକୁ ଗାଧୋଇବାକୁ ଯାଇଥିଲେ। ପରେ ବହୁ ସମୟ ଧରି ପରମାନନ୍ଦ ଘରକୁ ନ ଆସିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ନଦୀ ତୁଠରେ ମଧ ବହୁ ଖୋଜାଖୋଜି କଲା ପରେ ବି ତାଙ୍କ ପତ୍ତା ପାଇ ନାହାନ୍ତି। ଘଟଣାସ୍ଥଳରେ ନୀଳଗିରି ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ କୌଣସି ଖୋଜ୍ ଖବର ମିଳି ନଥିଲା। ଏନେଇ ଗ୍ରାମବାସୀ ଓଡ୍ରାଫ୍ ଟିମ୍ ପାଇଁ ନୀଳଗିରି ଉପଜିଲାପାଳଙ୍କ ସହାୟତା ଲୋଡ଼ିଛନ୍ତି।


ସୋନ ନଦୀରେ ନୀଳଗିରି ଅଗ୍ନିଶମ ବାହିନୀ ସନ୍ଧାନ ଚଳାଇଛନ୍ତି।

# ଉତ୍ସାହ ଭରିଲେ ରାଜ୍ୟସ୍ତରୀୟ ନେତା,ମନ୍ତ୍ରୀ

**ବାଲେଶ୍ୱର ଅଫିସ,୭ା୧୦**



ମହାମିଶ୍ରଣ ପର୍ବରେ ମଞ୍ଚାସୀନ ଅତିଥିଗଣ।

**ବିଜେଡିର ମହାମିଶ୍ରଣ ପର୍ବ**
■ବର୍ଷୀୟାନ୍ ନେତା ଅରୁଣ ଦେଙ୍କ ସମେତ ସମର୍ଥକ ସାମିଲ

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ଧିରେ ଧିରେ ସରଗରମ ହେବାରେ ଲାଗିଛି। ବିଜେଡି, ଭାଜପା ଓ କଂଗ୍ରେସ ଦଳ ଭୋଟରମାନଙ୍କୁ ଅପଣାଇବା ପାଇଁ ବିଭିନ୍ନ ରଣନୀତି ଗ୍ରହଣ କରୁଛନ୍ତି। ବିଜେଡି ପକ୍ଷରୁ ବୁଧବାର ପୂର୍ବାହ୍ନରେ ସହର ମଧ୍ୟଭାଗରେ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ମହାମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଏଥିରେ ସଦର ନିର୍ବାଚନମଣ୍ଡଳୀର ୫ଥର ବିଧାୟକ ହୋଇଥିବା ବର୍ଷିୟାନ୍ ନେତା ଅରୁଣ ଦେ ତାଙ୍କର ସମର୍ଥକମାନଙ୍କ ସହ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। କଂଗ୍ରେସର ଟାଣୁଆ ନେତା ଭାବେ ପରିଚିତ ବାବୁ ପାତ୍ର ଓ ତାଙ୍କ ସମର୍ଥକମାନେ ମଧ ସାମିଲ ହୋଇଥିଲେ।

ଆୟୋଜିତ ମହାମିଶ୍ରଣ ପର୍ବରେ ଜିଲାସଭାପତି ତଥା ପୂର୍ବତନ ଏମ୍‌ପି ଇଂ.ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ବିଜେଡି ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ, ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ରହି ଅରୁଣ ଦେଙ୍କୁ ସ୍ୱାଗତ କରିଥିଲେ। ଦଳରେ ଯୋଗଦେଇଥିବା ସମସ୍ତ ନେତା ଓ କର୍ମୀମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ଅସନ୍ତୁଷ୍ଟ ଥିବା ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ମଧ ଏହି ମହାମିଶ୍ରଣରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ତାଙ୍କର ଧର୍ମ ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ ଯୋଗଦେଇ ବାଲେଶ୍ୱର ଜିଲା ରାଜନୀତି ଏକ ନୂତନ ମୋଡ଼ ନେବାକୁ ଯାଉଛି। ଯାହା ରାଜ୍ୟ ରାଜନୀତିକୁ ମଧ ପ୍ରଭାବିତ କରିବ ବୋଲି ଏହି ଐତିହାସିକ ମିଶ୍ରଣରୁ ପ୍ରମାଣ ମିଳିଛି ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମଧ ଅନୁରୂପ ଆଶା କରି ପୂର୍ବତନ ବିଧାୟକ ଦେଙ୍କ ଯୋଗଦାନକୁ ସ୍ୱାଗତ କରିଥିଲେ।

